
ଅନୁଗୋଳ ସହର ଆକାଶରେ ବୁଧବାର କଳାହାଣ୍ଡିଆ ବାଦଲର ଆସ୍ତରଣ। (ଫଟୋ- ବୁନୁ)

# ସର୍ବନିମ୍ନ ଇପିଏଫ୍ ପେନସନ ୯୦୦୦ ଦାବି

**ଅନୁଗୋଳ ଅଫିସ, ୨୭।୭**

ଅଲ୍ ଓଡ଼ିଶା ଇପିଏଫ୍ ପେନସନ ଆସୋସିଏଶନ ଅନୁଗୋଳ ଜିଲା ଶାଖା କାର୍ଯ୍ୟକାରୀ କମିଟି ଜିଲା ୟୁନିଟ୍ ସଭାପତି ବାବାଜୀ ସାସମଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେରଳ ହାଇକୋର୍ଟ ଓ ସୁପ୍ରିମ କୋର୍ଟଙ୍କ ଆଦେଶ ଅନୁଯାୟୀ ସର୍ବନିମ୍ନ ଇପିଏଫ୍ ପେନସନ ୯୦୦୦ ଟଙ୍କା ଦେବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଓ ଆଇନଗତ ବାଧା ସୃଷ୍ଟି କରୁଛନ୍ତି। ଏଣୁ ଆସୋସିଏଶନ ଆସନ୍ତା ଅଗଷ୍ଟ ମାସରେ ଏ ନେଇ ଓଡ଼ିଶାର ସମସ୍ତ ଆଞ୍ଚଳିକ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟ ଆଗରେ ଧାରଣ ଦେବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ କନଭେନଶନରେ ରାଜ୍ୟ ଓ ଜାତୀୟସ୍ତରର ସମସ୍ତ ଶ୍ରମିକ ସଂଘର ଶୀର୍ଷ ନେତୃତ୍ୱ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏଥିସହ ସଂଘର ବରିଷ୍ଠ ସଦସ୍ୟ ମଦନ ତ୍ରିପାଠୀ ଓ ନରେନ୍ଦ୍ର ପ୍ରଧାନଙ୍କ ପରଲୋକ ହୋଇଥିବାରୁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆସୋସିଏଶନର ମୁଖ୍ୟ ପରାମର୍ଶଦାତା ସନାତନ ସାହୁ, କାର୍ଯ୍ୟକାରୀ ସଭାପତି ଦୁଃଖବନ୍ଧୁ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଉଦୟ ଦାଶ ଏକ ପ୍ରେସ୍ ଇସ୍ତାହାରରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ଗଣ୍ଡଗୋଳ କରି ଯୁବକ ଗିରଫ

ଅନୁଗୋଳ ଅଫିସ, ୨୭।୭: ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଥିବା ମଦ ଦୋକାନରେ ଗଣ୍ଡଗୋଳ ଅଭିଯୋଗରେ ହେମସୁରପଡ଼ା ଅଞ୍ଚଳର ସନ୍ତୋଷ ନାୟକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଅନୁଗୋଳ ଥାନାରେ ମଦ ଦୋକାନ ମ୍ୟାନେଜର ଅମନ୍ ଶେଖର ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୧୨/୨୨ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୋଗରେ ଦର୍ଶାଯାଇଥିଲା ଯେ, ଗତ ୨୨ ତାରିଖରେ ସନ୍ତୋଷ ଆସି ମଦ ଦୋକାନରେ ପାଟିତୁଣ୍ଡ କରିଥିଲେ। ଏପରିକି ତାଙ୍କୁ ଏକ ମାମଲାରେ ପୂର୍ବରୁ ଜେଲ ପଠାଇଥିବାରୁ ବେଲ୍ ପାଇଁ ଖର୍ଚ୍ଚ ହୋଇଥିବା ୭ ହଜାର ଟଙ୍କା ମଦ ଦୋକାନୀ ତାଙ୍କୁ ଦେବ ଓ ମାଗଣାରେ ମଦ ମଧ ପ୍ରଦାନ କରିବ ବୋଲି ସନ୍ତୋଷ କହିଥିଲେ। ଏହା କହି ଦୋକାନ ଶଟରକୁ ଟଣା ଭିଡ଼ା କରି ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ଅନୁଗୋଳ ପୋଲିସ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଆକ୍ରମଣ ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୨୭।୭: ଅନୁଗୋଳ ଥାନା କୁକୁଡ଼ାଙ୍ଗ ଗ୍ରାମର ବସନ୍ତ ନାଏକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲକ୍ଷ୍ମଣ ନାଏକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅନୁଗୋଳ ପୋଲିସ ଅଭିଯୁକ୍ତ ବସନ୍ତ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଲକ୍ଷ୍ମଣ ଗାଁ ପୋଖରୀରେ ଶୌଚ କରି ପ୍ରାତଃ ୫ଟା ସମୟରେ ଘରକୁ ଫେରୁଥିଲେ। ବସନ୍ତଙ୍କ ଘର ସମ୍ମୁଖ ଦେଇ ସେ ଆସୁଥିବାବେଳେ ସେଠାରେ ପଡ଼ିଥିବା ଏକ ଇଟାରେ ବସନ୍ତ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ।

# ସଂସ୍କୃତ ଶିକ୍ଷାରୁ ବଞ୍ଚିତ ଶିକ୍ଷାର୍ଥୀ

**ବଇଣ୍ଡା, ୨୭।୭ (ଡି.ଏନ.ଏ.)**

ସ୍ମାର୍ଟ ହୋଇଛି ଶିକ୍ଷାନୁଷ୍ଠାନ। ହେଲେ ସ୍ମାର୍ଟ ହୋଇନି ଶିକ୍ଷାଦାନ। ସରକାର ଶିକ୍ଷକ ନିଯୁକ୍ତ କରୁ ନ ଥିବାରୁ ସଂସ୍କୃତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ପିଲା। ଦୀର୍ଘ ୩ ବର୍ଷ ହେଲା ଅନୁଗୋଳ ଜିଲା କିଶୋରନଗର ବ୍ଲକର ଉରୁକୁଲା ଗ୍ରାମ ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଏପରି ଅସୁବିଧା ସୃଷ୍ଟି ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ ଜିଲା ପ୍ରଶାସନ ଖାଲି ପଡ଼ିଥିବା ସଂସ୍କୃତ ଶିକ୍ଷକ ପଦବୀ ପୂରଣ କରିବା ଦିଗରେ ପଦକ୍ଷେପ ନେଉନାହିଁ। ଫଳରେ ଛାତ୍ରୀଛାତ୍ରମାନେ ସଂସ୍କୃତ ସ୍ଥାନରେ ହିନ୍ଦୀ ପଢୁଛନ୍ତି। ସେହପରି କ୍ରୀଡ଼ା ଶିକ୍ଷକ ନ ଥିବାବେଳେ ଜଣେ କିରାଣି ଓ ୨ ପିଅନ ପଦବୀ ମଧ ଖାଲି ପଡ଼ିଛି। ଶୀଘ୍ର ସମସ୍ୟାର ସମାଧାନ ପାଇଁ ଉରୁକୁଳା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମଙ୍ଗଳବାର ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ, ଆଠମଲିକ ବିଧାୟକ, ଅନୁଗୋଳ ଜିଲାପାଳ, ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ଅଭିଭାବକମାନଙ୍କ କହିବା ଅନୁଯାୟୀ, ୧୯୮୪ ଜୁଲାଇ ୫ରେ ଗ୍ରାମବାସୀ ଉରୁକୁଳା ଗ୍ରାମ ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିଥିଲେ। କେବଳ ନବମ ଓ ଦଶମ ଶ୍ରେଣୀ ଥିବା ଏହି ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ ୧୯୯ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ନବମ ଶ୍ରେଣୀରେ ୧୧୪ ଜଣ ଓ ଦଶମ ଶ୍ରେଣୀରେ ୮୫ ପିଲା ଅଛନ୍ତି। ୨୦୧୯ ନଭେମ୍ବରରୁ ସଂସ୍କୃତ ଶିକ୍ଷକ ଅବସର ନେଇଥିଲେ ହେଁ ତାଙ୍କ ସ୍ଥାନରେ ନୂଆ ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ ସେବେଠାରୁ ଉକ୍ତ ବିଷୟରେ ଶିକ୍ଷାଦାନ ଆଦୌ କରାଯାଉ ନାହିଁ। ପିଲାମାନେ ହିନ୍ଦୀ ବିଷୟକୁ ନେଇ ପଢୁଥିବା ବେଳେ କ୍ରୀଡ଼ା ଶିକ୍ଷକ ନ ଥିବାରୁ କ୍ରୀଡ଼ା କ୍ଷେତ୍ରରେ ମଧ ସମସ୍ୟାରେ ପଡୁଛନ୍ତି। ୨୦୧୯ ଡିସେମ୍ବରରୁ ବିଦ୍ୟାଳୟରେ ଥିବା କ୍ରୀଡ଼ା ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ସେହିପରି ଜଣେ କିରାଣି ୨୦୨୧ ଅକ୍ଟୋବର, ୨ ପିଅନଙ୍କ ମଧ୍ୟରୁ ଜଣେ ୨୦୧୭ ଜାନୁୟାରୀ ଓ ଅନ୍ୟ ଜଣେ ୨୦୨୧ ଜୁନରେ ଅବସର ନେଇଛନ୍ତି। ହେଲେ ଏସବୁ ପଦବୀ ପୂରଣ ଦିଗରେ ଜିଲା ଶିକ୍ଷା ବିଭାଗ ଦୃଷ୍ଟି ଦେଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶିକ୍ଷକ ପଦବୀ ପୂରଣ ପାଇଁ ଉରୁକୁଳା ଗ୍ରାମବାସୀ ୨୦ ଜୁନ ୨୦୨୦ ଓ ୧୫ ମାର୍ଚ୍ଚ ୨୦୨୧ରେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଶିକ୍ଷାମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ ସୁଫଳ ମିଳୁନାହିଁ। ସରକାର ଗୋଟିଏ ପରେ ଗୋଟିଏ ବିଦ୍ୟାଳୟକୁ ରୂପାନ୍ତରୀକରଣରେ ସାମିଲ କରୁଥିଲେ ହେଁ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରୁ ନ ଥିବାରୁ ସ୍ମାର୍ଟ ଶିକ୍ଷାଦାନର ଉଦ୍ଦେଶ୍ୟ ପୂରଣ ନେଇ ଅଭିଭାବକଙ୍କ ମଧରେ ଆଶଙ୍କା ଦେଖାଯାଇଛି। ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



- କିଶୋରନଗର ବ୍ଲକର ସ୍ମାର୍ଟ ସ୍କୁଲରେ ଶିକ୍ଷକ ଅଭାବ
- ୩ ବର୍ଷ ହେଲା ଛାତ୍ରୀଛାତ୍ରଙ୍କୁ ପଢ଼ାଯାଉଛି ହିନ୍ଦୀ
- ଖାଲି ପଡ଼ିଥିବା ପଦବୀ ପୂରଣ ନ ହେଲେ ଆନ୍ଦୋଳନ

**ହିନ୍ଦୀ ପଢ଼ିବାକୁ ବାଧ ହେଉଛୁ**


ସଂସ୍କୃତ ଶିକ୍ଷକ ନ ଥିବାରୁ ସଂସ୍କୃତ ପଢ଼ାଯାଉନାହିଁ। ଫଳରେ ପିଲାମାନେ ହିନ୍ଦୀ ପଢ଼ିବାକୁ ବାଧ ହେଉଛନ୍ତି। ସେହିପରି ଖେଳ ଶିକ୍ଷକ ମଧ ନାହାନ୍ତି। ଏଥିଯୋଗୁ କ୍ରୀଡ଼ା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛୁ। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନିଅନ୍ତୁ।

-ସୁଶ୍ରୀ ସଙ୍ଗୀତା ସାହୁ, ଛାତ୍ରୀ

**ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି**


ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଯେଉଁ ଶିକ୍ଷକ ଅବସର ଗ୍ରହଣ କରୁଛନ୍ତି, ତାଙ୍କ ସ୍ଥାନରେ ନୂଆ ଶିକ୍ଷକ ନିଯୁକ୍ତି ଦିଆଯାଉ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ପାଠପଢ଼ାରେ ବହୁ ଅସୁବିଧା ଭୋଗ କରୁଛନ୍ତି। ମେଧାବୀ ଛାତ୍ର ଚିନ୍ତିତ ହୋଇପଡିଛନ୍ତି।

-ବିଭୂତି ଭୂଷଣ ସାହୁ, ପୁରାତନ ଛାତ୍ର

**ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଉଛି**


ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବହୁବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି। ହେଲେ କେବଳ ପ୍ରତିଶ୍ରୁତି ବ୍ୟତୀତ କିଛି ବି ପଦକ୍ଷେପ ନିଆଯାଇ ନାହିଁ। ଖାଲି ପଦବୀ ପୂରଣ ହେଉଥିବାରୁ ଶିକ୍ଷାଦାନ ସହ ବିଦ୍ୟାଳୟ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଉଛି।

-ନିରାକାର ବେହେରା, ଅଭିଭାବକ

**ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି**


ବିଦ୍ୟାଳୟରେ ୨ ଶିକ୍ଷକଙ୍କ ସହ କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ସଂସ୍କୃତ ଶିକ୍ଷକ ନ ଥିବାରୁ ଉକ୍ତ ବିଷୟରେ ଶିକ୍ଷାଦାନ ହୋଇପାରୁ ନାହିଁ। ଏ ସମ୍ପର୍କରେ ଜିଲା ଶିକ୍ଷା ବିଭାଗକୁ ଅବଗତ କରାଯାଇଛି।

-ସୁଧାକର ପ୍ରଧାନ, ପ୍ରଧାନ ଶିକ୍ଷକ

**ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ**


ସରକାରଙ୍କ ପକ୍ଷରୁ ନୂତନ ଶିକ୍ଷକ ନିଯୁକ୍ତି ଦିଆଗଲେ ଉକ୍ତ ବିଦ୍ୟାଳୟକୁ ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଯିବ। ତଥାପି କିଭଳି ସମସ୍ତ ସମସ୍ୟାର ସମାଧାନ ଶୀଘ୍ର କରାଯାଇପାରିବ ସେ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

-ନିରଞ୍ଜନ ସାହୁ, ଜିଲା ଶିକ୍ଷା ଅଧିକାରୀ, ଅନୁଗୋଳ

### ଗଞ୍ଜେଇ ଚୋରା ଚାଲାଣ
# ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

**ଅନୁଗୋଳ ଅଫିସ, ୨୭।୭**

ଗଞ୍ଜେଇ ଚୋରା ଚାଲାଣ ମାମଲାରେ ପଶ୍ଚିମବଙ୍ଗ କ୍ରିଷ୍ଣପୁରର ମୁନସୀ ସୁଲେମାନଙ୍କୁ ଅନୁଗୋଳ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର କୋର୍ଟ ଜଜ୍ ପ୍ରଣବ ପାତ୍ର ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ପେଶାଲ ପିପି ଅଜିତ ବିଶୋଇ ପରିଚାଳନା କରୁଥିଲେ। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ସେକ୍ ଫିରୋଜ ଏବେ ବି ଫେରାର ରହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ମାର୍ଚ୍ଚ ୪ରେ ଜରପଡ଼ା ଥାନା ଦୁର୍ଗାପୁର ରୋଡ୍‌ରୁ ରେଳ ଷ୍ଟେଶନକୁ ଯାଇଥିବା ରାସ୍ତାରେ ଥାନା ଅଧିକାରୀ ସବ୍ୟସାଚି ରାଉତ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଦୁଇ ଜଣ ବ୍ୟକ୍ତି ପୋଲିସ ଗାଡ଼ି ଦେଖି ଦୌଡ଼ିଥିଲେ। ସେମାନଙ୍କ ପିଛା କରି ପୋଲିସ ମୁନସୀଙ୍କୁ ଧରିଥିବାବେଳେ ଫିରୋଜ ବ୍ୟାଗ ଫିଙ୍ଗି ଦୌଡ଼ି ପଳାଇ ଯାଇଥିଲେ। ଏହି ଘଟଣାରେ ମୁନସୀକୁ ପୋଲିସ ଗିରଫ କରିଥିବାବେଳେ ଦୁଇଟି ବ୍ୟାଗରୁ ୪୧ କିଲୋ ୪ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଛେଣ୍ଡିପଦା ଅଞ୍ଚଳରୁ ଗଞ୍ଜେଇ ନେଇ ପଶ୍ଚିମବଙ୍ଗରେ ବିକ୍ରି କରିବାକୁ ଯାଉଥିବା ମୁନସୀ ମାନିଥିଲେ। ଘଟଣାର ତଦନ୍ତ ଇନ୍ସପେକ୍ଟର କନକ ମାଝି କରୁଥିଲେ।

# କଲାମଙ୍କ ପଥ ଅନୁସରଣ ପାଇଁ ପରାମର୍ଶ

**ଅନୁଗୋଳ ଅଫିସ, ୨୭।୭**

ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପାକ୍ଷିକ ପତ୍ରିକା 'କୋଶଳଟାଇମ୍' ପକ୍ଷରୁ ହୋଇଥିବା ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଓପି ଜିନ୍ଦଲ ସ୍କୁଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦାନ କରି ଅବଦୁଲ କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ। ଯୁବକମାନେ ବଡ଼ ସ୍ୱପ୍ନ ଦେଖି ନିଷ୍ଠାପର ଭାବେ ଉଦ୍ୟମ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏମ୍. ନାଗାରାଜୁ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଲଜିତ ସିଂହ ଯୋଗଦାନ କରି କଲାମଙ୍କ ପଥ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋବିନ୍ଦପୁର ମହାବିଦ୍ୟାଳୟ ଅଧାପକ ଡ. ଶୁଭ୍ରାଂଶୁ ପଟ୍ଟନାୟକ ଉପସ୍ଥିତ ଥିଲେ। ଓପି ଜିନ୍ଦଲ ସ୍କୁଲ ଅଧ୍ୟକ୍ଷ ଅତନୁ ରଥ କଲାମଙ୍କ ସ୍ମାରକୀ ଅତିଥିମାନଙ୍କୁ ପ୍ରଦାନ କରିଥିଲେ। କୋଶଳଟାଇମ୍‌ର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ୬ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୧୨ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାହୁ, ବିଇଡି କଲେଜର କଳାଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ବିଚାରକ ଭାବେ ଯୋଗଦାନ କରିଥିଲେ।


ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ବିଜ୍ଞାନରେ ପାର୍ଥ, ବାଣିଜ୍ୟରେ ସାଲୋମୀ ଜିଲା ଟପ୍ପର

**ଅନୁଗୋଳ ଅଫିସ, ୨୭।୭**

ଉଚ୍ଚ ମାଧ୍ୟମ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ଅପରାହ୍ଣରେ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଅନୁଗୋଳ ଜିଲାରେ ତାଳଚେର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ବିଭାଗର ଛାତ୍ର ପାର୍ଥ ସାରଥୀ ସାହୁ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ସମୁଦାୟ ୬୦୦ ମାର୍କରୁ ୫୫୯ ନମ୍ବର ରଖିଛନ୍ତି। ସେହିପରି ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଜଶ୍ରୀ ସାହୁ ୫୪୬ ନମ୍ବର ରଖି ଦ୍ୱିତୀୟ ଓ ମହିମାଜ୍ୟୋତି ଯୁକ୍ତ ୨ ମହାବିଦ୍ୟାଳୟର ସ୍ୱାଗତିକା ପରିଡ଼ା ୫୩୬ ନମ୍ବର ରଖି ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଯୁକ୍ତ୨ ବାଣିଜ୍ୟ ବିଭାଗରେ ଅନୁଗୋଳ ଯୁକ୍ତ ୨ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସାଲୋମୀ ପି ସାମୁଏଲ ୫୪୦ ନମ୍ବର ରଖି ଜିଲାର ଟପ୍ପର ହୋଇଛନ୍ତି।

ଅନୁଗୋଳ ସରକାରୀ ଯୁକ୍ତ୨ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନରେ ୩୧୪ ଜଣ ପରୀକ୍ଷା ଦେଇଥିବାବେଳେ ୩୦୧ ଜଣ ପାସ୍ କରିଛନ୍ତି। ୭ଜଣ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ୬ ଜଣଙ୍କ ପରୀକ୍ଷା ଫଳ ଆସିନାହିଁ। ତେବେ ମହାବିଦ୍ୟାଳୟରେ ପାସ୍ ହାର ୯୫.୮୬% ରହିଛି। ପ୍ରଥମ ଶ୍ରେଣୀରେ ୨୦୯ ଜଣ ଛାତ୍ରୀଛାତ୍ର ଉତୀର୍ଣ୍ଣ ହୋଇଥିବାବେଳେ ୭୬ ଜଣ ଦ୍ୱିତୀୟ ଓ ୧୬ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ରାଜଶ୍ରୀ ସାହୁ ୫୪୬ ନମ୍ବର ରଖି ଟପ୍ କରିଥିବାବେଳେ ଶୁଭ୍ରାଂଶୁ ଶେଖର ପ୍ରଧାନ ୫୩୪ ରଖି ଦ୍ୱିତୀୟ ଓ ପ୍ରଜ୍ଞିତା ପ୍ରଧାନ ୫୩୧ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଏକ୍ସ ରେଗୁଲାରରେ ୫ ଜଣ ପରୀକ୍ଷା ଦେଇଥିବାବେଳେ ୪ ଜଣ ଫେଲ ହୋଇଛନ୍ତି। ଅନ୍ୟଜଣଙ୍କ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଅନୁଗୋଳ କଲେଜ ଯୁକ୍ତ ୨ ବାଣିଜ୍ୟ ବିଭାଗରେ ୨୨୭ ଜଣ ପରୀକ୍ଷା ଦେଇଥିବାବେଳେ ୧୭୦ ଜଣ ଛାତ୍ରୀଛାତ୍ର ଉତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟରେ ପାସ୍ ହାର ୭୪.୮୯% ରହିଛି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪ ଜଣ ଫେଲ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୭୭ ଜଣ, ୩୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସାଲୋମୀ ପି ସାମୁଏଲ ୫୪୦ ନମ୍ବର ରଖି ଜିଲାରେ ପ୍ରଥମ ହୋଇଥିବାବେଳେ ସିର୍ଦ୍ଧେଶ୍ୱର ସାହୁ ୫୩୯ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଚିନ୍ମୟୀ ପାତ୍ର ୫୩୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁଗୋଳ ମହିଳା ବିଦ୍ୟାଳୟରେ ୫୮ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୫୭ ଜଣ ପାସ୍ କରିଛନ୍ତି। ଜଣେ ଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ତେବେ ମହିଳା ବିଦ୍ୟାଳୟର ଛାତ୍ରୀ ମୋନାଲିସା ଜେନା ୪୩୪ ନମ୍ବର ରହି କଲେଜରେ ପ୍ରଥମ ହୋଇଥିବାବେଳେ ଚିନ୍ମୟୀ ସ୍ୱାଇଁ ୪୩୧ ରଖି ଦ୍ୱିତୀୟ ଓ ପ୍ରଗତି ନାୟକଙ୍କ ସହ ମୋନିଷା ମହାପାତ୍ର ୪୨୬ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।


ସାଲୋମୀ ପି ସାମୁଏଲ।

**ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ**

**ଭଲ ମଣିଷ ହେବାକୁ ପ୍ରଥମେ ଗୁରୁତ୍ୱ**


ପ୍ରଥମେ ଭଲ ମଣିଷଟିଏ ହେବାକୁ ଚେଷ୍ଟା କରିବି। ଏହାପରେ କ'ଣ କରିବି ସେଥିପାଇଁ ଆପେ ରାସ୍ତା ବାହାରିବ। ଏହି ସଫଳତାର ଶ୍ରେୟ ମୋର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଚିତ୍ତ ସାର ଓ ପରିବାର ଲୋକଙ୍କୁ ଯିବ। ପରୀକ୍ଷା ପାଇଁ କଠିନ ପରିଶ୍ରମ କରିଥିଲି। ସେଥିପାଇଁ ଏହି ସଫଳତା ମିଳିଛି।

-ପାର୍ଥ ସାରଥୀ ସାହୁ, ବିଜ୍ଞାନ ଟପ୍ପର

**ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି**


ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। କଠିନ ପରିଶ୍ରମ ହିଁ ସଫଳତା ଦେଇଛି। କରୋନା ଭୟ ଭିତରେ ପ୍ରଥମେ ଭବିଷ୍ୟତକୁ ନେଇ ଚିନ୍ତାରେ ଥିଲୁ। ଏ ନେଇ ଅନ୍‌ଲାଇନ୍ ଓ ପରେ ଅଫ୍‌ଲାଇନ୍‌ରେ ପଢ଼ିଲୁ। ଶିକ୍ଷୟିତ୍ରୀ ଓ ଶିକ୍ଷଙ୍କ ସହ ଶ୍ରେଣୀ ଗୃହରେ ସିଧାସଳଖ ପାଠ ପଢ଼ାଯିବା ଦ୍ୱାରା ଦ୍ୱନ୍ଦ୍ୱ ଦୂର ହୋଇଥିଲା। ଆଉ ତାହାର ଫଳ ମିଳିଲା।

-ରାଜଶ୍ରୀ ସାହୁ, ଜିଲାରେ ଦ୍ୱିତୀୟ

**ଅଧାପିକା ହେବାକୁ ଲକ୍ଷ୍ୟ**


ଭବିଷ୍ୟତରେ ଅଧାପିକା ହେବାକୁ ଲକ୍ଷ୍ୟ ରଖିଛି। ରସାୟନିକ ବିଜ୍ଞାନରେ ଆଗକୁ ପାଠ ପଢ଼ିବି। ପରିବାର ଲୋକଙ୍କ ସହ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଉପଦେଶକୁ ମାନି ପଢ଼ିବାର ଫଳ ପରୀକ୍ଷାରେ ମିଳିଛି। କରୋନା ସମୟରେ ଭୟଭୀତ ହୋଇଯାଇଥିଲୁ। ଭବିଷ୍ୟତକୁ ନେଇ ଦ୍ୱନ୍ଦରେ ପଡ଼ିଥିଲୁ। ଏବେ କିନ୍ତୁ ତାହା ଦୂର ହୋଇଛି।

-ସ୍ୱାଗତିକା ପରିଡ଼ା, ଜିଲାରେ ତୃତୀୟ ସ୍ଥାନ

# ଆଦର୍ଶ ସହର ଆବର୍ଜନାମୟ

**ଢେଙ୍କାନାଳ ଅଫିସ,୨୭।୭**

ଢେଙ୍କାନାଳ ପୌରାଞ୍ଚଳକୁ ମିଳିଛି ଆଦର୍ଶ ସହର ମାନ୍ୟତା। ସଫେଇ ପାଇଁ ମାସକୁ ଦିଆଯାଇଛି ୩୯ ଲକ୍ଷ ଟଙ୍କାର ଟେଣ୍ଡର। ହେଲେ ସହରର ରାସ୍ତା ପାର୍ଶ୍ୱରୁ ହଟୁନି ଅଳିଆ। ଡ୍ରେନ୍‌ଗୁଡ଼ିକ ଘାସବୁଦାରେ ପରିପୂର୍ଣ୍ଣ ହୋଇଯାଇଥିବା ବେଳେ ଅସରାଏ ବର୍ଷା ହେଲେ ଗୋପବନ୍ଧୁ ବଜାର, ରଥଗଡ଼ା, ବସ୍‌ଷ୍ଟାଣ୍ଡ ଆଦି ଅଞ୍ଚଳରେ ଡ୍ରେନ୍ ବୁଡ଼ି ରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଏ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ସହର ସଫେଇ ପାଇଁ କଟକର ଏକ ଠିକା ସଂସ୍ଥାକୁ ମାସକୁ ୩୯ ଲକ୍ଷ ଟଙ୍କାର ଟେଣ୍ଡର ଦିଆଯାଇଛି। ୨୦୧୯ରେ ଉକ୍ତ ସଂସ୍ଥାକୁ ଆଲୋଚନା ମାଧ୍ୟମରେ ସଫେଇ କାର୍ଯ୍ୟର ଠିକା ଦିଆଯାଇଥିବା ବେଳେ ଗତବର୍ଷ ଉକ୍ତ ସଂସ୍ଥା ମଧ୍ୟ ମାସିକ ୩୨ ଲକ୍ଷ ଟଙ୍କାରେ କାର୍ଯ୍ୟ କରୁଥିଲା। ଚଳିତବର୍ଷ ଏହା ମାସିକ ୩୯ ଲକ୍ଷ ଟଙ୍କାରେ ସଫେଇ କାର୍ଯ୍ୟ ହାତେଇଛି। କିନ୍ତୁ ସହର ଆବର୍ଜନାମୟ ହୋଇଗଲାଣି। ଅନେକ ସ୍ଥାନରେ ଅଳିଆ ଆବର୍ଜନା ଜମିରହିବା ଯୋଗୁ ପରିବେଶ ଦୂଷିତ ହୋଇଥିଲେ ମଧ୍ୟ ପୌର କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଦୃଷ୍ଟି ପଡୁନି। ସହରରେ ସଫେଇ କାମ ବିଶେଷକରି ପ୍ରମୁଖ ରାସ୍ତାକଡ ଡ୍ରେନ୍ ସଫା କରିବା, ରାସ୍ତାରେ ପଡିଥିବା ଗୋରୁ, ଷଣ୍ଢ, କୁକୁରଙ୍କ ମୃତଦେହ ଉଠାଇବା, ଦୁଇଓଳି ସଫା କରିବା ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଅଧୀନରେ ୨୧୦ ଜଣ ସଫେଇ କର୍ମଚାରୀ ଅଛନ୍ତି। ପୌରସଂସ୍ଥା ଅଧୀନରେ ସିଧାସଳଖ ୫୨ଜଣ ସଫେଇ କର୍ମଚାରୀ ରହିଛନ୍ତି। ସେହିପରି ବିଭିନ୍ନ ୱାର୍ଡରେ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସଫେଇ କାମ ଚାଲୁଛି। ଏଥିପାଇଁ ୟୁଜର୍ସ ଫି ମଧ୍ୟ ୱାର୍ଡବାସୀ ଦେଉଛନ୍ତି। ଏ ବାବଦରେ ମାସକୁ ୩ରୁ ୪ଲକ୍ଷ ଟଙ୍କା ସଂଗ୍ରହ କରାଯାଉଛି। ତଥାପି ୱାର୍ଡଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ସଫେଇ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ୱାର୍ଡଗୁଡ଼ିକ ସଫେଇ ପାଇଁ ୪୫ଟି ସ୍ୱୟଂ ସହାୟକ ଗୋଷ୍ଠୀ, ୪୦ଟି ଗାଡି ବ୍ୟବହାର ହେଉଥିବା ବେଳେ ଦିନକୁ ଟ୍ରାକ୍ଟରରେ ପ୍ରାୟ ୨୪ ଟ୍ରିପ୍ ଆବର୍ଜନା ଉଠାଯାଉଛି ବୋଲି ବିଭାଗୀୟ ଅଧିକାରୀ କହୁଛନ୍ତି। କିନ୍ତୁ ସଫେଇ ଆଖିଦୃଶିଆ ହେଉ ନ ଥିବାବେଳେ ପିସି ବାବଦକୁ ମାସକୁ ୨ଲକ୍ଷରୁ ୩ଲକ୍ଷ ଖର୍ଚ୍ଚ ହେଉଥିବା ସାଧାରଣରେ ଚର୍ଚ୍ଚା ହୋଇଛି, ଯାହାକି ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତରେ ପୌରସଂସ୍ଥା ସାନିଟେଶନ ଅଧିକାରୀ ସରୋଜ ରାଉତ କହିଛନ୍ତି, ସହରରେ ସଫେଇ ପାଇଁ ଘରୋଇ ସଂସ୍ଥାକୁ ମାସକୁ ୩୯ ଲକ୍ଷ ଟଙ୍କାର ଟେଣ୍ଡର ଦିଆଯାଇଛି। ନୂତନ ଟେଣ୍ଡର ଅନୁଯାୟୀ ଉକ୍ତ ସଂସ୍ଥା ଆସନ୍ତା ଅଗଷ୍ଟ ୧ ତାରିଖରୁ କାମ ଆରମ୍ଭ କରିବ। ୱାର୍ଡଗୁଡ଼ିକରେ ହେଉଥିବା ସଫେଇ ପାଇଁ ଆଦାୟ ହେଉଥିବା ୟୁଜର୍ସ ଫି ରାଜ୍ୟ ବିଭାଗୀୟ କର୍ତ୍ତୃପକ୍ଷ ୭ଲକ୍ଷ ଟଙ୍କା ଧାର୍ଯ୍ୟ କରିଛନ୍ତି। କିନ୍ତୁ ସହରରୁ ପ୍ରାୟ ୩ରୁ ୪ ଲକ୍ଷ ଭିତରେ ୟୁଜର୍ସ ଫି ଆଦାୟ ହେଉଛି। ସଫେଇ କାମ ତଦାରଖ କରିବାକୁ ୨ଜଣ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ସାନିଟେଶନ ଅଧିକାରୀ ପ୍ରକାଶ କରିଛନ୍ତି।


ଢେଙ୍କାନାଳ ସହର ରାସ୍ତା କଡରେ ଅଳିଆ ଆବର୍ଜନା ଗଦା ହୋଇଛି।

- ସଫେଇ ପାଇଁ ମାସକୁ ଖର୍ଚ୍ଚ ୩୯ ଲକ୍ଷ
- ରାସ୍ତାକଡରୁ ହଟୁନି ଅଳିଆ
- ଘାସ ବୁଦାରେ ବୁଡିରହିଛି ଡ୍ରେନ୍

# ବିଦ୍ୟାର୍ଥୀରେ ଶତ ପ୍ରତିଶତ ପାସ୍

**ଛାତ୍ରୀ ଏରିନା ମହାପାତ୍ର ଟପ୍ପର, ୧୮୧ ଜଣ ପାଇଲେ ପ୍ରଥମ ଶ୍ରେଣୀ**

**ଢେଙ୍କାନାଳ ଅଫିସ,୨୭।୭**


ଶୁଭସ୍ମିତା ବାରିକ


ପ୍ରଭଞ୍ଜନ ସାହୁ

ଢେଙ୍କାନାଳସ୍ଥିତ ବିଦ୍ୟାର୍ଥୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶିତ ହୋଇଛି। ଚଳିତବର୍ଷ ବିଜ୍ଞାନରେ ବିଦ୍ୟାଳୟର ପାସ୍‌ହାର ଶତ ପ୍ରତିଶତ ରହିଛି। ମୋଟ୍ ୧୮୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୧ ଜଣ ପ୍ରଥମ ଶ୍ରେଣୀ ଓ ୫ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଏରିନା ମହାପାତ୍ର ସର୍ବାଧିକ ୫୭୬ ନମ୍ବର ରଖି ଜିଲାର ଟପ୍ପର ହୋଇଥିବା ବିଦ୍ୟାଳୟର ଚେୟାରମ୍ୟାନ ତଥା ଅଧ୍ୟକ୍ଷ ଜ୍ଞାନେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ପ୍ରଭଞ୍ଜନ ସାହୁ ୫୬୨, ଶୁଭସ୍ମିତା ବାରିକ ୫୫୩, ଭାଗ୍ୟଶ୍ରୀ ସାହୁ ୫୪୬, ପିନୁ ବେହେରା ୫୪୨, ମାତୃପ୍ରସାଦ ସ୍ୱାଇଁ ୫୦୦ ନମ୍ବର ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଚଳିତବର୍ଷ ୫୯ଜଣ ଛାତ୍ରୀଛାତ୍ର ଶତକଡା ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ଚେୟାରମ୍ୟାନ ଜ୍ଞାନେନ୍ଦ୍ର କୁମାର ସାହୁ, ଭାଇସ୍ ଚେୟାରମ୍ୟାନ ଧର୍ମେନ୍ଦ୍ର ପ୍ରସାଦ ସିଂହ, ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମିଶ୍ର, ଉପାଧ୍ୟକ୍ଷ ଶ୍ରୀବତ୍ସ ବେହେରା, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

### ଡାକ୍ତର ହୋଇ ସେବା କରିବି



ଢେଙ୍କାନାଳ ବିଦ୍ୟାର୍ଥୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ଛାତ୍ରୀ ଏରିନା ମହାପାତ୍ର ମୋଟ ୯୬ ପ୍ରତିଶତ ନମ୍ବର ରଖି ଜିଲାରେ ଶ୍ରେଷ୍ଠ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଫଳତା ସମ୍ପର୍କରେ ଏରିନା କହିଛନ୍ତି, ରେଜଲ୍ଟକୁ ନେଇ ବହୁତ ଖୁସି ଅଛି। ଇଂଲିଶ ମୋର ପ୍ରିୟ ବିଷୟ। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀସେବା କରିବାର ଲକ୍ଷ୍ୟ ରଖିଛି। ସଫଳତା ପାଇଁ ଅଧ୍ୟାପିକା ଅଧ୍ୟାପକ ଓ ସାଙ୍ଗସାଥିଙ୍କୁ ଶ୍ରେୟ ଦେବି।

-ଏରିନା ମହାପାତ୍ର, ବିଜ୍ଞାନରେ ଜିଲା ଟପ୍ପର, ବିଦ୍ୟାର୍ଥୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ସଂକ୍ଷେପରେ

### ୭ରେ ଜାଭେଲିନ ପ୍ରତିଯୋଗିତା ଉତ୍ସବ

**ଢେଙ୍କାନାଳ ଅଫିସ,୨୭।୭:** ଆସନ୍ତା ୭ ତାରିଖରେ ଦେଶର ସମସ୍ତ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଜାଭେଲିନ ଉତ୍ସବ ପ୍ରତିଯୋଗିତା ପାଳିତ ହେବ। ଟୋକିଓ ଅଲିମ୍ପିକ୍ସରେ ଜାଭେଲିନ ଥ୍ରୋରେ ଦେଶ ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ଏହି ପରିପ୍ରେକ୍ଷୀରେ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ଏଥିନିମନ୍ତେ ଓଡ଼ିଶା ଦୌଡକୁଦ ସଂଘ କଟକ ପକ୍ଷରୁ ଆସନ୍ତା ଅଗଷ୍ଟ ୭ ତାରିଖରେ ସକାଳ ୭ଟାରେ ବାରବାଟୀ ଷ୍ଟାଡିୟମଠାରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଏକ ଜାଭେଲିନ ଥ୍ରୋ ପ୍ରତିଯୋଗିତା କରାଯିବ। ଏଥିରେ ଉଭୟ ବିଭାଗରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କ ପାଇଁ ୨୦ ହଜାର, ଦ୍ୱିତୀୟ ହୋଇଥିବା ପ୍ରତିଯୋଗୀଙ୍କ ପାଇଁ ୧୦ ହଜାର ଓ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କ ପାଇଁ ୫ ହଜାର ଟଙ୍କା ପୁରସ୍କାର ରଖାଯାଇଛି। ଏଥିସହିତ ଏକ ଉତ୍ସବ ମଧ୍ୟ ପାଳିତ ହେବ। ଏଥିରେ ଜିଲାସ୍ତରରୁ ଭାଗ ନେବା ପାଇଁ ଇଚ୍ଛୁକ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରତିଯୋଗୀମାନେ ଆସନ୍ତା ୨ ତାରିଖ ସକାଳ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟଠାରେ ନାମ ପଞ୍ଜୀକରଣ କରିବା ପାଇଁ ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

### ବାଇକ୍ ଆରୋହୀଙ୍କ ଠାରୁ ୧ ଲକ୍ଷ ଟଙ୍କା ଲୁଟ

**ଢେଙ୍କାନାଳ ଅଫିସ,୨୭।୭:** ଢେଙ୍କାନାଳ ସହର ଦେଉଳସାହି ଜୁବୁଲିଟାଉନ ଅଞ୍ଚଳ ରାସ୍ତାଦେଇ ଜଣେ ଯୁବକ ଏକ ବାଇକ୍‌ରେ ମଙ୍ଗଳବାର ଯାଉଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଆଉ ଏକ ବାଇକ୍‌ରେ ଆସି ସମ୍ମୁଖରୁ ଅଟକାଇବା ସହ ମାରଣାସ୍ତ୍ର ଦେଖାଇ ଏକ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ସମ୍ପୃକ୍ତ ଯୁବକ ଟାଉନ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ କରିଛି।

# ବାଣିଜ୍ୟରେ ୯୭.୨୭, ବିଜ୍ଞାନରେ ୯୮.୮% ପାସ୍

## ଢେଙ୍କାନାଳ ଜୁନିୟର କଲେଜ

**ଢେଙ୍କାନାଳ ଅଫିସ,୨୭।୭**

ଢେଙ୍କାନାଳ ଜୁନିୟର କଲେଜର ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇଛି। ବାଣିଜ୍ୟରେ ପାସହାର ୯୭.୨୭ ଓ ବିଜ୍ଞାନରେ ପାସହାର ୯୮.୮ ପ୍ରତିଶତ ରହିଛି। ବାଣିଜ୍ୟରେ ୧୧୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୦ ଜଣ ପ୍ରଥମ ଶ୍ରେଣୀରେ, ୧୯ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୮ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି । ୨ଜଣ ଫେଲ ହୋଇଥିବା ବେଳେ ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଛାତ୍ରୀ ତନୁଶ୍ରୀ ପରିଡା ମୋଟ ୫୫୮ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଥିବା ବେଳେ ତନୁଶ୍ରୀ ପ୍ରିୟଦର୍ଶିନୀ ବିଶ୍ୱାଳ ୫୫୧ ନମ୍ବର ରଖି ଦ୍ୱିତୀୟ ଓ ଛାତ୍ର ରୋହିତ ଗୋଏଲ ୫୪୮ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜ୍ଞାନରେ ୨୫୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୨୮, ଦ୍ୱିତୀୟ ଶ୍ରେଣୀରେ ୧୪, ତୃତୀୟ ଶ୍ରେଣୀରେ ୫ଜଣ ପାସ୍ କରିଥିବା ବେଳେ ୩ଜଣ ଫେଲ ହୋଇଛନ୍ତି। ଛାତ୍ର ଓଁକାର ମାଝି ୫୬୭ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ପ୍ରଶାନ୍ତ ବେହେରା ୫୪୭ ନମ୍ବର ରଖି ଦ୍ୱିତୀୟ ଓ ସୌମ୍ୟ ରଞ୍ଜନ ସାହୁ ୫୪୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି।

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି



ଢେଙ୍କାନାଳ ଜୁନିୟର କଲେଜ ବାଣିଜ୍ୟ ବିଭାଗର ଟପ୍ପର ହୋଇଥିବା ତନୁଶ୍ରୀ ପରିଡା ପରିଶ୍ରମର ଫଳ ତାଙ୍କୁ ମିଳିଥିବା କହିଛନ୍ତି। ସେ ଭବିଷ୍ୟତରେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତାର ଶ୍ରେୟ ସେ ଅଧ୍ୟାପିକା ଅଧ୍ୟାପକ, ତାଙ୍କ ପିତାମାତା ଓ ଦିଦିଙ୍କୁ ଦେଇଥିବା ପ୍ରତିକ୍ରିୟାରେ କହିଛନ୍ତି।

-ତନୁଶ୍ରୀ ପରିଡା, ବାଣିଜ୍ୟ ଟପ୍ପର, ଢେଙ୍କାନାଳ ଜୁନିୟର କଲେଜ

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ଢେଙ୍କାନାଳ ଜୁନିୟର କଲେଜ ବିଜ୍ଞାନ ବିଭାଗର ଟପ୍ପର ହୋଇଛନ୍ତି ଓଁକାର ମାଝି। ସେ କହିଛନ୍ତି, ଯେତିକି ନମ୍ବର ଆଶା କରିଥିଲି ସେତିକି ମିଳିଛି। ଏହି ସଫଳତାକୁ ନେଇ ବେଶ୍ ଖୁସି। ଗଣିତ ମୋର ସବୁଠୁ ପ୍ରିୟ ବିଷୟ। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ମୋର ସଫଳତାର ଶ୍ରେୟ ଅଧ୍ୟାପିକା ଅଧ୍ୟାପକ ଓ ପିତାମାତାଙ୍କୁ ଦେବି।

-ଓଁକାର ମାଝି, ବିଜ୍ଞାନ ଟପ୍ପର, ଢେଙ୍କାନାଳ ଜୁନିୟର କଲେଜ

## ମହିଳା ଜୁନିୟର କଲେଜ

### ବାଣିଜ୍ୟରେ ଶତ ପ୍ରତିଶତ ରେଜଲ୍ଟ

**ଢେଙ୍କାନାଳ ଅଫିସ,୨୭।୭:**

ଢେଙ୍କାନାଳ ମହିଳା ଜୁନିୟର କଲେଜର ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତବର୍ଷ ବିଜ୍ଞାନରେ ପାସହାର ୯୭.୩୨ ଓ ବାଣିଜ୍ୟରେ ଶତ ପ୍ରତିଶତ ହୋଇଛି। ବିଜ୍ଞାନରେ ୧୧୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୯ଜଣ ପ୍ରଥମ ଶ୍ରେଣୀରେ, ୨୭ଜଣ ଦ୍ୱିତୀୟ ଶ୍ରେଣୀରେ, ୨ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୩ଜଣ ଫେଲ ହୋଇଥିବା ବେଳେ ଜଣେ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଛାତ୍ରୀ ଅର୍ଚ୍ଚନା ସାହୁ ୪୯୭ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨୧ଜଣ ପରୀକ୍ଷା ଦେଇଥିବା ବେଳେ ୧୩ଜଣ ପ୍ରଥମ ଶ୍ରେଣୀରେ, ୪ଜଣ ଦ୍ୱିତୀୟ ଓ ୪ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ଶୁଭସ୍ମିତା ସାହୁ ୪୯୮ ନମ୍ବର ରଖି ବାଣିଜ୍ୟରେ ଟପ୍ପର ହୋଇଥିବା ସୂଚନା ମିଳିଛି।

# ୮ ମାମଲାର ଆପୋସ ସମାଧାନ


ରାଜ୍ୟ ମହିଳା ଆୟୋଗଙ୍କ ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ରାଜ୍ୟ ମହିଳା ଆୟୋଗଙ୍କ ଶିବିର

**ଢେଙ୍କାନାଳ ଅଫିସ,୨୭।୭**

ଢେଙ୍କାନାଳ ଜିଲାର ଦୁସ୍ଥ ଓ ଅସହାୟ ମହିଳାମାନଙ୍କ ସମସ୍ୟା ସମାଧାନ ନିମନ୍ତେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏଥିରେ ୫୭ଟି ମାମଲା ରହିଥିବା ବେଳେ ୩୮ଜଣ ଆବେନକାରୀ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ୮ ଗୋଟି ମାମଲାର ଆପୋଷ ସମାଧାନ ହୋଇଥିବା ବେଳେ ୩ଟି ମାମଲା ଏସ୍‌ପିଙ୍କ ନିକଟକୁ, ୨ଟି ସୁରକ୍ଷା ଅଧିକାରୀଙ୍କ ନିକଟକୁ, ୨ଟି ଜିଲା ଆଇନସେବା ପ୍ରାଧିକରଣଙ୍କ ନିକଟକୁ ଏବଂ ଶୁଣାଣି ଓ ସମାଧାନ ନିମନ୍ତେ ୨୩ଟି ମାମଲା ବିପକ୍ଷ ଦଳଙ୍କ ନିକଟକୁ ପଠାଯାଇଥିବା ଜଣାଯାଇଛି। ଶିବିରରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ସଦସ୍ୟା ଆରତି ସିଂହ, ଜଲିନା ପ୍ରିୟଦର୍ଶିନୀ, ରେଜିଷ୍ଟ୍ରାର ସୁଶୀଲ କୁମାର ରାୟ, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କ ଅଭିଯୋଗ ଶୁଣାଣି କରିଥିଲେ।

# ବିଜ୍ଞାନରେ ପାସ ହାର ଶତ ପ୍ରତିଶତ

## ଭାର୍ଗବୀ ଯୁକ୍ତ୨ କଲେଜ

**ଢେଙ୍କାନାଳ ଅଫିସ,୨୭।୭**


ସୁଦୀପା ପ୍ରିୟଦର୍ଶିନୀ ଖୁଣ୍ଟିଆ ।


ରୋଜାଲିନ ରଣା।

ଢେଙ୍କାନାଳ ସହରସ୍ଥିତ ଭାର୍ଗବୀ ଯୁକ୍ତ୨ ବିଜ୍ଞାନ ଆବାସିକ ମହାବିଦ୍ୟାଳୟର ଚଳିତ ବର୍ଷ ପାସହାର ଶତ ପ୍ରତିଶତ ହୋଇଛି। ୧୩୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୧୬ଜଣ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି । ଛାତ୍ରୀ ସୁଦୀପା ପ୍ରିୟଦର୍ଶିନୀ ଖୁଣ୍ଟିଆ ସର୍ବାଧିକ ୫୫୯, ରୋଜାଲିନ ରଣା ୫୪୦ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି ।

# ସମସ୍ତ ୨୫୧ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

## ଇଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ଢେଙ୍କାନାଳ ଅଫିସ,୨୭।୭**


ଶୁଭଜିତ ସ୍ୱାଇଁ


ବିଜୟଲକ୍ଷ୍ମୀ ବିଶ୍ୱାଳ


ସୌମ୍ୟରଞ୍ଜନ ସାହୁ

ଢେଙ୍କାନାଳ ସହର ନିକଟସ୍ଥ ମଙ୍ଗଳପୁରଠାରେ ଅବସ୍ଥିତ ଇଟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ଶତପ୍ରତିଶତ ରହିଛି। ଚଳିତବର୍ଷ ବିଦ୍ୟାଳୟର ପରୀକ୍ଷା ଦେଇଥିବା ସମସ୍ତ ୨୫୧ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ତନ୍ମଧ୍ୟରେ ୩୯ ଜଣ ଛାତ୍ରୀଛାତ୍ର ଶତକଡା ୯୦ରୁ ଅଧିକ, ୧୦୨ ଜଣ ୮୫ରୁ ଅଧିକ ଓ ୧୨୩ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଛାତ୍ର ଶୁଭଜିତ ସ୍ୱାଇଁ ସର୍ବାଧିକ ୫୭୫ ନଂ ରଖିଛନ୍ତି। ବିଜୟଲକ୍ଷ୍ମୀ ବିଶ୍ୱାଳ ୫୬୬, ସୌମ୍ୟରଞ୍ଜନ ସାହୁ ୫୬୪, ନୀଳମାଧବ ମିଶ୍ର ୫୬୪, ସତ୍ୟବ୍ରତ ମିଶ୍ର ୫୬୨, ଲକ୍ଷ୍ମୀପ୍ରିୟା ସାହୁ ୫୫୯, ସୁଭସ୍ମିତା ବେହେରା ୫୫୮, ସତ୍ୟ ପ୍ରିୟାଂଶୁ ସ୍ୱାଇଁ ୫୫୨, ସତ୍ୟକାମ ପାଢୀ ୫୫୨, ଅଙ୍କିତା ରାଉତ ୫୫୩ ଓ ଅନନ୍ୟା ନାୟକ ୫୫୩ନଂ ରଖିଛନ୍ତି। ସେହିପରି ଇଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ୯୮ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରେ ଛାତ୍ରୀ ଶର୍ମିଷ୍ଠା ସାହୁ ୫୫୨ ଓ ଦୀପ୍ତିରାଣୀ ସାହୁ ୫୪୪ ତଥା ଶତକଡା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଏହାବ୍ୟତୀତ ୧୩ ଜଣ ଛାତ୍ରୀ ୮୫ରୁ ଅଧିକ ଓ ୨୧ଜଣ ଛାତ୍ରୀ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ କଲେଜ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି।

# ଇଚ୍ଛାଶକ୍ତି ହିଁ ସଫଳତାର ଚାବିକାଠି

**ଢେଙ୍କାନାଳ ଅଫିସ,୨୭।୭**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ହିନ୍ଦୋଳ ରୋଡ୍ ଓପିଏସ୍ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧ୍ୟାପିକା ଡ. ମାନସୀ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଓ ଅକ୍ଳାନ୍ତ ପରିଶ୍ରମ ବଳରେ ଜଣେ ନିଶ୍ଚୟ ସଫଳତାର ଶିଖରରେ ପହଞ୍ଚିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ସାହୁ ଉପସ୍ଥିତ ଥିଲେ। ପାଠଚକ୍ର ସମ୍ପାଦିକା ଲୋପାମୁଦ୍ରା ସାହୁ ବିବରଣୀ ପ୍ରଦାନ କରିଥିଲେ। ଛାତ୍ର ଅରୁପଜ୍ୟୋତି ସାହୁ, ଶାନ୍ତନୁ ସାହୁ, ରାକେଶ ସାହୁ, ଛାତ୍ରୀ ସିପି ମହାପାତ୍ର, ଶିତଲ ଦେହୁରୀ ଓ ପୂର୍ଣ୍ଣିମା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।


ରାଜନୀତି ବିଜ୍ଞାନ ବିଭାଗ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

# ଏଟିଏମ୍ ଲୁଟ ଉଦ୍ୟମ ବେଳେ ମାଡ଼ିବସିଲା ପୋଲିସ

**ଢେଙ୍କାନାଳ ଅଫିସ,୨୭।୭**



## ୨ ଛାତ୍ର ଗିରଫ, କଟର ମେଶିନ ଜବତ

ଢେଙ୍କାନାଳ ସହରସ୍ଥିତ କାଲଟାକ୍ସ ଷ୍ଟେଶନ ବଜାର ଅଞ୍ଚଳରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏକ ଏଟିଏମ୍‌କୁ ମଙ୍ଗଳବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ କରୁଥିବା ବେଳେ ଟାଉନଥାନା ପୋଲିସ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ଶୁଭମ ଜେନା ଓ ଢେଙ୍କାନାଳ ସଦର ଥାନା ବେବର୍ତାକାଟେଣୀ ଗ୍ରାମର ରାକେଶ ପରିଡା। ଉଭୟେ କଟକ ଜିଲା ଖୁଣ୍ଟୁଣୀଠାରେ ଥିବା ଏକ ପଲିଟେକନିକ ଶିକ୍ଷାନୁଷ୍ଠାନର ଶେଷବର୍ଷର ଛାତ୍ର ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତ ଶୁଭମ, ରାକେଶଙ୍କ ଘରେ ରହି ପଢୁଥିଲେ। ୬ଦିନ ଆଗରୁ ଉଭୟେ ଏଟିଏମ୍‌ରୁ ଟଙ୍କା ଲୁଟ୍ କରିବା ପାଇଁ ଯୋଜନା ପ୍ରସ୍ତୁତ କରି ଢେଙ୍କାନାଳ ସହରସ୍ଥିତ ଶାସନ ଅଞ୍ଚଳରୁ ଏକ କଟର ମେଶିନ ଓ ବିଭିନ୍ନ ଉପକରଣ କିଣିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଉଭୟେ ଶଟର ଉଠାଇ ଏଟିଏମ୍ ଭିତରେ ପଶି ଏଟିଏମ କାଟୁଥିଲେ। ଏ ସମ୍ପର୍କରେ ମହାରାଷ୍ଟ୍ରର ପୁନେରୁ ଟେଲିଫୋନ ଯୋଗେ ମେସେଜ ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ବିକାଶ ବେଉରାଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଓ ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ଚଢାଉ କରିଥିଲେ। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଟର ମେଶିନ ଓ ଅନ୍ୟ ଉପକରଣ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୪୩୨।୨୨ରେ ଏକ ମାମଲା ରୁଜୁ କରାଯିବା ସହ ପୂର୍ବରୁ ସେମାନେ ଅନ୍ୟ କୌଣସି ମାମଲାରେ ସମ୍ପୃକ୍ତ ଥିଲେ କି ନାହିଁ ସେ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

# ୧୦୮ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ,୨୭।୭**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଜିଏମ୍‌ଆର୍ କମଳାଙ୍ଗ ଏନର୍ଜୀ ପରିସରରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିକେଇଏଲ୍, ଭରଲକ୍ଷ୍ମୀ ଫାଉଣ୍ଡେଶନ ଓ ରକ୍ଷା ସିକ୍ୟୁରିଟି ସର୍ଭିସ୍‌ର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିକେଇଏଲ୍ ସିଓଓ ଧନଞ୍ଜୟ ଦେଶପାଣ୍ଡେ ଓ ପ୍ଲାଣ୍ଟ ହେଡ୍ ମନୋଜ ମିଶ୍ର ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଜିଏମ୍‌ଆର କମ୍ପାନୀ, ରକ୍ଷା ସିକ୍ୟୁରିଟି, ଡିଏଭି ସ୍କୁଲ ଓ ଅପରେଟିଂ ଏଜେନ୍ସି କର୍ମଚାରୀମାନେ ରକ୍ତଦାନ କରିଥିଲେ। ପ୍ରତିବର୍ଷ ଏପରି ରକ୍ତଦାନ ଶିବିର ଆୟୋଜନ କରି ଜିଏମ୍‌ଆର୍ ପ୍ରଶଂସିତ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ଶିବିରରେ ଉପସ୍ଥିତ ଥିବା ରକ୍ତଦାତାମାନେ।

